## ଝରକା ତାଡ଼ି ସୁନା, ଟଙ୍କା ଲୁଟ୍

**ଢେଙ୍କାନାଳ ଅଫିସ୍:** ଢେଙ୍କାନାଳ ଜୁବ୍ଲି ଟାଉନ ଅଞ୍ଚଳର ସର୍ବେଶ୍ୱର ବିଶ୍ୱାଳଙ୍କ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ୫ ଭରି ଓଜନର ସୁନା ଅଳଙ୍କାର ସହ ନଗଦ ୩୦ହଜାର ଟଙ୍କା ଲୁଟି ନେଇଛନ୍ତି। ପରିବାର ଲୋକେ ରାତିରେ ଶୋଇଥିବାବେଳେ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇଛନ୍ତି। ଶନିବାର ଟାଉନ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ ମଧ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସନ୍ଧାନ ମିଳିନାହିଁ।

## ସଂକ୍ଷେପରେ

### ୪ର୍ଥ ଦିନରେ ୪ ପ୍ରାର୍ଥିପତ୍ର

**ଢେଙ୍କାନାଳ ଅଫିସ, ୫।୩:** ଢେଙ୍କାନାଳ ପୌର ପରିଷଦ ନିର୍ବାଚନ ପାଇଁ ଶନିବାର ପ୍ରାର୍ଥିପତ୍ର ଦାଖଲର ୪ର୍ଥ ଦିବସରେ ୪ଟି ପ୍ରାର୍ଥିପତ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଛି। ୩ନଂ. ୱାର୍ଡରୁ ଜଣେ, ୮ନଂ. ୱାର୍ଡରୁ ୨ଜଣ ଓ ୧୯ନଂ. ୱାର୍ଡରୁ ଜଣେ ନାମାଙ୍କନ ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ପାଇଁ ଦୁଇଦିନ ବାକିଥିବାରୁ ରବିବାର ଓ ସୋମବାର ଅଧିକ ନାମାଙ୍କନ ଦାଖଲ ହେବା ସମ୍ଭାବନା ରହିଛି।

### ବାର୍ହା ଆକ୍ରମଣରେ ୪ ଆହତ

**କାମାକ୍ଷାନଗର, ୫।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅନ୍ତର୍ଗତ ବଡ଼ସୁଆଁଳ ଗ୍ରାମ ବନ୍ୟାସାହିରେ ଶନିବାର ବାର୍ହା ଆକ୍ରମଣରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବନିତା ମଲ୍ଲିକ, ଶେଉଳ ମଲ୍ଲିକ, ବାଇଧର ମଲ୍ଲିକ ଏବଂ ମୁନା ମଲ୍ଲିକ। ସମସ୍ତେ ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଉକ୍ତ ବାର୍ହା ଜଙ୍ଗଲ ଭିତରୁ ବାହାରି ଅତର୍କିତ ଆକ୍ରମଣ କରିଥିଲା। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲକୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି।

### ବେଆଇନ ବାଲି ଚାଲାଣ, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୫।୩:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ପିଙ୍ଗୁଆ ଅଞ୍ଚଳର ନଦୀଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରାଯାଉଥିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଏକ ଟ୍ରାକ୍ଟରକୁ ଜବତ କରିଛି। ଏହି ଘଟଣାରେ କାଲୁଣିଗୋଡ଼ା ଗ୍ରାମର ବିପିନ ବେହେରା (୫୦)ଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନିହଲ ପ୍ରସାଦ ଥାନାରେ ନଂ. ୭୯/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ୩୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଢେଙ୍କାନାଳ ଅଫିସ୍, ୫।୩:** ଢେଙ୍କାନାଳସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ବିଜ୍ଞାନଭିତ୍ତିକ ୩୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଇନଜୀବୀ ଶୁଭେନ୍ଦୁ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ପରିଚାଳନା କମିଟି ସଭ୍ୟ ମନୋଜ ମିଶ୍ର, ଗୁରୁଚରଣ ପାତ୍ର, ରବୀନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ ଅଖିଳ ସାହୁ, ଜ୍ୟୋତ୍ସ୍ନା ମିଶ୍ର ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥିମାନେ ଛାତ୍ରୀଛାତ୍ର ବିଜ୍ଞାନ ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସରଳା ସାହୁ, ଶିକ୍ଷକ ସୁଶୀଲ ସାହୁ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୫।୩:** ଢେଙ୍କାନାଳ ସଦର ବ୍ଲକ ବଣସିଂହ ଭୂଇଁପୁର ଅଞ୍ଚଳର ଅବସରପ୍ରାପ୍ତ ସାମରିକ କର୍ମଚାରୀ ଫଗୁନାଥ ରାଉତ (୭୧)ଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଅବସରପ୍ରାପ୍ତ ସାମରିକ କର୍ମଚାରୀ ନାଏବ ସୁବେଦାର ଶଙ୍କର୍ଷଣ ହୋତା, ମେଜର କୈଳାସ ଚନ୍ଦ୍ର ରାଉତ, ନଳିନୀ ଶତପଥୀ, ଲ୍ୟୁଟ୍‌ନାଣ୍ଟ ବିଜୟ ଶତପଥୀ, କ୍ୟାପଟେନ ଚୈତନ୍ୟ ରାଉତ, ଅମ୍ବୁଜ ଶତପଥୀ, ଢେଙ୍କାନାଳ ଅବସରପ୍ରାପ୍ତ ସାମରିକ ସଂଘ ସମ୍ପାଦକ ବି.କେ. ବେହେରା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

**ପରଜଙ୍ଗ, ୫।୩(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣବେଡିଆ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ଅଧିବାସ, ଶୁକ୍ରବାର ନାମସଂକୀର୍ତ୍ତନ, ଶନିବାର ନଗରକୀର୍ତ୍ତନ ପରେ ପୂର୍ଣ୍ଣାହୁତି ହୋଇଥିଲା। ରାଜକିଶୋର କର ପୁରୋଧା, ରାହାସ ବିହାରୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶେଷଦେବ ସାହୁ, ଛବିନାରାୟଣ ସାହୁ, କୁଅଁର ସାହୁ, ନିରାକାର ସାହୁ, ଜମ୍ବେଶ୍ୱର ବେହେରା, ଶ୍ରୀକର ସାହୁ, ଉଗ୍ରସେନ ସାହୁ ପ୍ରମୁଖ ଏହାର ପରିଚାଳନା କରିଥିଲେ। ଆଖପାଖ ଗ୍ରାମର ୧୧ ପୁରୁଷ ସଂକୀର୍ତ୍ତନମଣ୍ଡଳୀ ଏବଂ ୪ ମହିଳା ମଣ୍ଡଳୀ ଯୋଗଦେଇଥିଲେ।

# ୩୦ବର୍ଷ ପରେ ପ୍ରତ୍ୟକ୍ଷ ନିର୍ବାଚନ



### କାମାକ୍ଷାନଗର ଏନ୍‌ଏସି

**କାମାକ୍ଷାନଗର, ୫।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ରାଜନୀତିର ଅନ୍ୟତମ ପ୍ରମୁଖ କେନ୍ଦ୍ରସ୍ଥଳ କାମାକ୍ଷାନଗର ଏନ୍‌ଏସିର ଅଧକ୍ଷ ପଦବୀ ଲାଗି ଦୀର୍ଘ ୩୦ବର୍ଷ ପରେ ପ୍ରତ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଶେଷଥର ପାଇଁ ୧୯୯୨ରେ ଭୋଟର ସିଧାସଳଖ ଭୋଟଦେଇ ନଗରପାଳଙ୍କୁ ଚୟନ କରିଥିଲେ। ଚଳିତବର୍ଷ ଅନୁରୂପ ଭାବେ ଭୋଟିଂ ହେଉଥିବାରୁ ସହରୀ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

୧୯୭୯ ଡିସେମ୍ବର ୨୬ରେ କାମାକ୍ଷାନଗରକୁ ମିଳିଥିଲା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା। ତେବେ ଦୀର୍ଘ ୧୩ବର୍ଷ ଧରି ପ୍ରଶାସକଙ୍କ ହାତରେ ରହିଥିଲା ଏନ୍‌ଏସି ପରିଚାଳନା ଦାୟିତ୍ୱ। ୧୯୯୨ରେ ପ୍ରଥମ କରି ଏଠାରେ ଅଧକ୍ଷ ପଦବୀ ଲାଗି ସିଧାସଳଖ ଭୋଟିଂ ହୋଇଥିବାବେଳେ ଜନତା ଦଳରୁ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ ବ୍ରହ୍ମାନନ୍ଦ ମହାନ୍ତି। ତେବେ କାର୍ଯ୍ୟକାଳ ଶେଷ ହେବାର ୨ବର୍ଷ ପୂର୍ବରୁ ପରିଷଦକୁ ଭାଙ୍ଗି ଦିଆଯାଇଥିଲା। ୧୯୯୭ରେ ଅନୁଷ୍ଠିତ ପରୋକ୍ଷ ନିର୍ବାଚନରେ କଂଗ୍ରେସର ମନୋଜ ମଞ୍ଜରୀ ତ୍ରିପାଠୀ ଏବଂ ୨୦୦୩ରେ କଂଗ୍ରେସର ଗୋବିନ୍ଦ ଚନ୍ଦ୍ର ସାହୁ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୦୬ରେ ଗୋବିନ୍ଦଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ବିଜେଡିର ଯଶୋବନ୍ତ ପରିଡ଼ା ତାଙ୍କଠାରୁ ଅଧକ୍ଷ ପଦ ଛଡ଼ାଇ ନେଇଥିଲେ। ଏହାପରଠାରୁ ବିଜେଡି ଅଧୀନରେ ରହିଛି କାମାକ୍ଷାନଗର ଏନ୍‌ଏସି। ୨୦୦୮ରେ ବିଜେଡିର ସୌଭାଗିନୀ ରାଉଳ ଏବଂ ଶେଷଥର ପାଇଁ ୨୦୧୩ରେ ଅନୁଷ୍ଠିତ ନିର୍ବାଚନରେ ଧର୍ମାନନ୍ଦ ପରିଡ଼ା ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନରେ ୧୫ ୱାର୍ଡ ବିଶିଷ୍ଟ ଏନ୍‌ଏସିରେ ବିଜେଡି ଏକତରଫା ଭାବେ ୧୦ଟି ୱାର୍ଡ ହାତେଇଥିଲା। କଂଗ୍ରେସ ମାତ୍ର ୪ଟି ସିଟ୍‌ରେ ସନ୍ତୁଷ୍ଟ ହୋଇଥିବାବେଳେ ଗୋଟିଏ ପଡ଼ିଥିଲା ସ୍ୱାଧୀନ ପ୍ରାର୍ଥୀଙ୍କ ଭାଗ୍ୟରେ। ଏଥର ମୋଟ୍ ୧୩,୩୭୧ ଭୋଟର ନଗରପାଳଙ୍କ ସମେତ ୧୫ ୱାର୍ଡର କାଉନ୍‌ସିଲରଙ୍କୁ ନିର୍ବାଚିତ କରିବେ।

### ବିଜେଡି ବିପୁଳ ବିଜୟ ହାସଲ କରିବ



ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ଲୋକପ୍ରିୟତା ଦଳର ବଳ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଉଦ୍ୟମରେ ଏନ୍‌ଏସିର କଳେବର ବଦଳିଛି। ଚଳିତ ପୌର ନିର୍ବାଚନରେ ମଧ ଦଳ ବିପୁଳ ବିଜୟ ହାସଲ କରିବ।

-ଧର୍ମାନନ୍ଦ ପରିଡ଼ା, ଜିଲା ଯୁବ ବିଜେଡି ସଭାପତି

### ଭୋଟର ବିକଳ୍ପ ଭାବେ କଂଗ୍ରେସକୁ ବାଛିବେ



ଦୀର୍ଘଦିନର ବିଜେଡି ଶାସନରେ ବ୍ୟାପକ ଦୁର୍ନୀତି ହୋଇଛି। ଜବରଦଖଲ କରି ନିର୍ମାଣ କରାଯାଇଥିବା ଦୋକାନ ଘର ଚଢ଼ା ଦରରେ ବିକ୍ରି କରାଯାଇଛି। ସହରର ଡ୍ରେନେଜ୍ ବ୍ୟବସ୍ଥା କହିଲେ ନ ସରେ। ତେଣୁ ଭୋଟର ବିକଳ୍ପ ଭାବେ କଂଗ୍ରେସକୁ ବାଛିବେ।

-ପ୍ରଭୁଦତ୍ତ ଭଞ୍ଜ, ଜିଲା କଂଗ୍ରେସ ଉପସଭାପତି

### ଦୁର୍ନୀତିରେ ଲୋକେ ଅଣନିଃଶ୍ୱାସୀ



କେନ୍ଦ୍ର ସରକାରଙ୍କ ଯୋଜନାରୁ ରାଜ୍ୟର ଶାସକ ବିଜେଡି ଫାଇଦା ନେଉଛି। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏଥିରେ ଲୋକେ ଅଣନିଃଶ୍ୱାସୀ ହୋଇ ବିକଳ୍ପ ଚିନ୍ତା କରିଛନ୍ତି।

-ସନ୍ଦୀପ ପଟ୍ଟନାୟକ, ଭାଜପାର ନଗର ମଣ୍ଡଳ ସଭାପତି

## ଚର୍ଚ୍ଚାରେ ଧର୍ମାନନ୍ଦ, ଅଶ୍ୱିନୀ, ସନ୍ତୋଷ

ଚଳିତ ପୌର ଭୋଟରେ ଧର୍ମାନନ୍ଦ ପରିଡ଼ା ପୁନର୍ବାର ନଗରପାଳ ଆସନ ପାଇଁ ଦୃଢ଼ ଦାବିଦାର ପାଲଟିଛନ୍ତି। ସେ ଏବେ ଜିଲା ଯୁବ ବିଜେଡି ସଭାପତି ପଦବୀରେ ଅଛନ୍ତି। ଟିକେଟ ଲାଗି ତାଙ୍କ ନାମ ଚୂଡ଼ାନ୍ତ ହୋଇସାରିଥିବାବେଳେ କେବଳ ଆନୁଷ୍ଠାନିକ ଭାବେ ଘୋଷଣା ବାକି ରହିଥିବା ଚର୍ଚ୍ଚା ହେଉଛି। କାରଣ ତାଙ୍କ ଭାଇ ଯଶୋବନ୍ତ ପରିଡ଼ା ହିଁ ଏନ୍‌ଏସିରେ ବିଜେଡିର ମୂଳଦୁଆକୁ ସୁଦୃଢ଼ କରିଥିଲେ। ସାନଭାଇ ଧର୍ମାନନ୍ଦଙ୍କୁ ଗାଦିରେ ବସାଇ ସଙ୍ଗଠନ ଦାୟିତ୍ୱ ନିଜେ ବୁଝୁଥିଲେ। ବ୍ୟବସାୟିକ ଶତ୍ରୁତାରୁ ଯଶୋବନ୍ତ ହତ୍ୟାର ଶିକାର ହେବା ପରେ ବି ଧର୍ମାନନ୍ଦ ସାଙ୍ଗଠନିକ ଦାୟିତ୍ୱକୁ ନିଭାଇ ଆସିଛନ୍ତି। ଏସବୁ କାରଣ ପାଇଁ ସେ ନଗରପାଳ ଟିକେଟ ହାତେଇବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିପରି ପୂର୍ବତନ ଉପନଗରପାଳ ଅଶ୍ୱିନୀ କୁମାର ମହାପାତ୍ରଙ୍କୁ ଭାଜପା ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ୨୦୦୮ରେ ବିଜେଡି କାଉନସିଲର ଭାବେ ବିଜୟୀ ହୋଇଥିବା ଅଶ୍ୱିନୀ ପରେ ଉପନଗରପାଳ ପଦବୀ ବସିଥିଲେ। ତେବେ ମାତ୍ର ସାଢ଼େ ୨ବର୍ଷ ପରେ ଯଶୋବନ୍ତ କୌଶଳକ୍ରମେ ଅନାସ୍ଥାରେ ତାଙ୍କୁ ଗାଦିଚ୍ୟୁତ କରି ନିଜେ ସେହି ଆସନ ଅକ୍ତିଆର କରିଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଅଶ୍ୱିନୀ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ସାମିଲ ହୋଇଥିଲେ। ବିଜେଡିର ଧର୍ମାନନ୍ଦଙ୍କ ଚକ୍ରବ୍ୟୂହ ଭେଦିବାକୁ ଭାଜପା ଅଶ୍ୱିନୀଙ୍କ ଉପରେ ଆଶା ବାନ୍ଧିଥିବା ଆଲୋଚନା ହେଉଛି। ପୂର୍ବତନ ସାମରିକ କର୍ମଚାରୀ ତଥା ବ୍ୟାଙ୍କ ଅଧିକାରୀ ରବିନାରାୟଣ ସାହୁ ଭାଜପାର ସଙ୍ଗଠକ ଭାବେ ତୃଣମୂଳସ୍ତରୀୟ କର୍ମୀଙ୍କ ସହିତ ଜଡ଼ିତ ଅଛନ୍ତି। ତେଣୁ ସେ ମଧ ନଗରପାଳ ଟିକେଟ ପାଇଁ ଅନ୍ୟତମ ଦାବିଦାର ପାଲଟିଛନ୍ତି।

ସେହିପରି ୨ଥର କାଉନସିଲର ଥିବା ସନ୍ତୋଷ ମହାରଣାଙ୍କୁ କଂଗ୍ରେସ ନଗରପାଳ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। ଗତ ନିର୍ବାଚନରେ ଦଳରେ ଆତ୍ମଘାତୀ କାର୍ଯ୍ୟ ସତ୍ତ୍ୱେ ସନ୍ତୋଷ, ସ୍ତ୍ରୀ ରୋଜାଲିନ୍ ମହାରଣାଙ୍କ ସହଯୋଗରେ ୧୫ରୁ ୪ ଆସନ ହାତେଇବାରେ ସକ୍ଷମ ହୋଇଥିଲେ। ସନ୍ତୋଷ ଏବଂ ରୋଜାଲିନ କାଉନ୍‌ସିଲର ଭାବେ ବିଜୟୀ ମଧ ହୋଇଥିଲେ। କାମାକ୍ଷାନଗର ଏନ୍‌ଏସି ରାଜନୀତିର ଜଣାଶୁଣା ଚେହେରା ହୋଇଥିବାରୁ ସନ୍ତୋଷ ନଗରପାଳ ଟିକେଟ ଦୌଡ଼ରେ ସର୍ବାଗ୍ରେ ଅଛନ୍ତି। ତେବେ ପ୍ରମୁଖ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ ନଗରପାଳ କିମ୍ବା କାଉନ୍‌ସିଲରଙ୍କ ନାମ ଘୋଷଣା ହୋଇନାହିଁ। ନାମାଙ୍କନ ଦାଖଲକୁ ମାତ୍ର ୨ଦିନ ଥିବାବେଳେ ରବିବାର ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇବା ଯଥେଷ୍ଟ ସମ୍ଭାବନା ରହିଛି।

# ବିଜୁବାବୁ ଥିଲେ ସ୍ୱାଭିମାନୀ ବ୍ୟକ୍ତିତ୍ୱ




କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

**ଢେଙ୍କାନାଳ ଅଫିସ, ୫।୩**

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ଶନିବାର ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ବୋରାପଦାଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର କୁମାର ସାମଲ କହିଲେ, ଦଳମତ ନିର୍ବିଶେଷରେ ବିଜୁବାବୁଙ୍କୁ ସମସ୍ତେ ସମ୍ମାନ ଦେଉଥିଲେ। ସେ ଥିଲେ ଜଣେ ସ୍ୱାଭିମାନୀ ବ୍ୟକ୍ତିତ୍ୱ। ରାଜ୍ୟର ବିକାଶ ଲାଗି ସେ ଦେଖିଥିବା ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରୁଛନ୍ତି। ଢେଙ୍କାନାଳ ପୌରାଞ୍ଚଳରେ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ମହାନଦୀରୁ ପାଣି ଆଣିବା ନିମନ୍ତେ ୮ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ସରିଛି। ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି। ଜିଲା ପରିଷଦ ଭଳି ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ବିଧାୟକ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ବିଜୟ ନାୟକ କହିଲେ, ଆଜି ହେଉଛି ଆମ ପାଇଁ ସଙ୍କଳ୍ପର ଦିନ। ପଞ୍ଚାୟତ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଓଡ଼ିଶାବାସୀ ଆଶୀର୍ବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ହୃଦୟକୁ ସ୍ପର୍ଶ କରିଛି ବୋଲି ସେ କହିଥିଲେ।

ବିଜେଡି ନେତା ବସନ୍ତ ତ୍ରିପାଠୀ, ଲକ୍ଷ୍ମୀଧର ସାହୁ, ସାଗରିକା ମିଶ୍ର, ରୁବି ବିଶ୍ୱାଳ, ଦେବୀ ପ୍ରସାଦ ଭୂତିଆ, ସାଇଶ୍ରୀ ପଟ୍ଟନାୟକ, ସୁରଜ ମହାପାତ୍ର, ବିଶ୍ୱନାଥ ଜେନା, ତିଳୋତ୍ତମା ଚୌଧୁରୀ, ଶଶିକାନ୍ତ ମିଶ୍ର, ରୁଦ୍ରାକ୍ଷ ଦଳେଇ, ଜେସଶ ସାହୁ, ପ୍ରଦୀପ ରାଉତ ପ୍ରମୁଖ ପୌର ନିର୍ବାଚନରେ ଏକାଠି ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଦର, ଗଁଦିଆ ବ୍ଲକର ସମସ୍ତ ୮ ଜିଲା ପରିଷଦ ଆସନରୁ ବିଜୟୀ ବିଜେଡି ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଭାରତରତ୍ନ ଦାବି

**ଢେଙ୍କାନାଳ ଅଫିସ, ୫।୩**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରେ ସମ୍ମାନିତ କରିବା ଲାଗି ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ରଥଗଡ଼ାସ୍ଥିତ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ନଗରପାଳ ଆଇନଜୀବୀ ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏପିର ପୌରାଧକ୍ଷ ପ୍ରାର୍ଥୀ ସୋନାଲି ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ବିଜେଡି ନେତା ବସନ୍ତ ତ୍ରିପାଠୀ, ସରୋଜ ଶତପଥୀ, କୈଳାସ ନାୟକ, ଦେବୀ ପ୍ରସାଦ ମିଶ୍ର, ଅମରେନ୍ଦ୍ର ସାହୁ, ଦୟାନିଧି ବେହେରା, ଅଶୋକ ସ୍ୱାଇଁ, ଅମ୍ବିକା ପ୍ରସାଦ ମିଶ୍ର, ଦଣ୍ଡପାଣି ଦାସ, ଅଜୟ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଫୋରମ୍ ସମ୍ପାଦକ ଭରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା କଳା ଓ ସଂସ୍କୃତି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କଳା ଓ ସଂସ୍କୃତି ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ତାଳଚେର,୫।୩(ନି.ପ୍ର.)**

ଅନୁଗୋଳ ଜିଲାରେ ନୂଆକରି ଯୋଗ ଦେଇଥିବା କଳା ଓ ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କୁ ତାଳଚେର ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ନାଏକଙ୍କୁ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଳଚେର ବ୍ଲକ ଉପସଭାପତି ସବିତା ସିଂ, ପାଲଲହଡା ବ୍ଲକ ଉପସଭାପତି ଧ୍ରୁବଚରଣ ସାହୁ, ବଣଁରପାଳ ବ୍ଲକ ଉପସଭାପତି ନେହେରୁ ନାଏକ, କିଶୋରନଗର ବ୍ଲକ ଉପସଭାପତି ଶ୍ରୀପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ଷ୍ଟାଡିୟମରେ ବିଜୁ ଜୟନ୍ତୀ

**ବଣଁରପାଳ,୫।୩(ଡି.ଏନ.ଏ.)**

ବଣଁରପାଳ ବ୍ଲକ ନାଲ୍‌କୋସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଠାରେ ବିଜୁ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ନାଲ୍‌କୋ ଏସ୍‌ଆଣ୍ଡପି ଗ୍ରୁପ୍ ଜେନେରାଲ ମ୍ୟାନେଜର ଏସ୍.ଏନ୍. ସାହୁ, ଏନ୍‌ଏନ୍‌ଇୟୁ ସାଧାରଣ ସମ୍ପାଦକ ରତ୍ନାକର ପରିଡ଼ା, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ଅରୁଣ ପ୍ରଧାନ, ସୁରେଶ ବେହେରା ବିଶ୍ୱନାଥ ଗଡ଼ନାୟକ, ଲିପୁ ଗଡ଼ନାୟକ ସରୋଜ ସାହୁ, ସଞ୍ଜୟ ପ୍ରଧାନ, ବଳରାମ ପ୍ରଧାନ ଓ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିବୃନ୍ଦ।

# ଜୟନ୍ତୀରେ ମନେପଡ଼ିଲେ ପ୍ରବାଦପୁରୁଷ




କାମାକ୍ଷାନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ଅନ୍ୟ ବିଜେଡି ନେତୃବୃନ୍ଦ।

**କାମାକ୍ଷାନଗର/ପରଜଙ୍ଗ/ ସାତମାଇଲ, ୫।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜେଡି କାର୍ଯ୍ୟାଳୟରେ ଶନିବାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟବକ୍ତା ଶିକ୍ଷାବିତ୍ ମେଜର ପ୍ରଭାତ ଦାସ, ସମ୍ମାନିତ ଅତିଥି ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅତିଥିଙ୍କ ଦ୍ୱାରା ଡାକ୍ତରଖାନାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ସେହିପରି ପରଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ପୁରୁଣା କଲେଜ ନିକଟ କଲ୍ୟାଣମଣ୍ଡପରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନବ ନିର୍ବାଚିତ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ରବିନାରାୟଣ ପ୍ରଧାନ, ରୀନା ହେଂସା, ଅଶୋକ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଅକ୍ଷୟ ବେହେରା, ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ, ମୀନକେତନ ସାମଲ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଗୁଣଗାନ କରିଥିଲେ। ନବ ନିର୍ବାଚିତ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ବହୁ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସାତମାଇଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଧାୟିକା ସୀମାରାଣୀ ନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ସଭାପତି ବରୁଣ ସରଙ୍କ ସଭାପତିତ୍ୱରେ ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟ ମାମାଲି ଦାଶ, ସୁମନ୍ତ ଦେହୁରୀ, ଉର୍ମିଳା ବେହେରା, ମମତାଞ୍ଜଳି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁବୋଧଙ୍କୁ ଅଧକ୍ଷ ପ୍ରାର୍ଥୀ କଲା ଏଏପି

**କାମାକ୍ଷାନଗର, ୫।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ହେବାକୁ ଥିବା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ସୁବୋଧ ବେହେରାଙ୍କୁ ଅଧକ୍ଷ ପ୍ରାର୍ଥୀ କରାଯାଇଛି। ସୁବୋଧ ନିଜ ସମର୍ଥକଙ୍କ ସହିତ ନଗର ପରିକ୍ରମା କରିବା ପରେ କାମାକ୍ଷାନଗର ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ।



ସୁବୋଧ ନିଜ ପ୍ରତିକ୍ରିୟାରେ କୁହନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଦଳର ପ୍ରତିଷ୍ଠାତା ଅରବିନ୍ଦ କେଜରିୱାଲଙ୍କ ସଫଳତା, ନୀତିଆଦର୍ଶକୁ ନିଜ ଅଞ୍ଚଳରେ ପ୍ରତିଫଳିତ କରିବାରେ ସେ ପ୍ରଥମ କରି ରାଜନୀତିକୁ ଓହ୍ଲାଇଛନ୍ତି। ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ସତ୍ତ୍ୱେ ଚଢ଼ା ଦରରେ ଉପଭୋକ୍ତାମାନେ ବିଜୁଳି ବିଲ୍ ପୈଠ କରୁଛନ୍ତି। ରାଜ୍ୟରେ ଉଚ୍ଚ ଶିକ୍ଷିତ ଯୁବକ କର୍ମ ନିଯୋଜନ ଅଭାବରୁ ଦାଦନ ଖଟୁଛନ୍ତି। ଏସବୁ ମୌଳିକ ସମସ୍ୟା ନେଇ ସେ ଭୋଟରଙ୍କ ନିକଟକୁ ଯିବେ ବୋଲି କହିଛନ୍ତି। ସୁବୋଧ ହେଉଛନ୍ତି ରାଜନୀତିରେ ନୂଆ ଚେହେରା। ତେବେ ଅଞ୍ଚଳର ଜଣେ ପ୍ରତିଷ୍ଠିତ ଔଷଧ ବ୍ୟବସାୟୀ ଭାବେ ସେ ପରିଚିତ।

## ଜୟନ୍ତୀ ଭାଜପା ନଗରପାଳ ପ୍ରାର୍ଥୀ

**ଢେଙ୍କାନାଳ ଅଫିସ, ୫।୩**



### ୧୫ ୱାର୍ଡ ପାଇଁ ତାଲିକା ଘୋଷଣା

ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ଶନିବାର ସନ୍ଧ୍ୟାରେ ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ପୂର୍ବତନ କାଉନସିଲର ଜୟନ୍ତୀ ପାତ୍ରଙ୍କୁ ନଗରପାଳ ପ୍ରାର୍ଥୀ ଘୋଷଣା କରାଯାଇଛି। ଏଥିସହ ୧୫ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ତାଲିକା ମଧ ସାର୍ବଜନୀନ କରାଯାଇଛି। ୧ନଂ. ୱାର୍ଡରେ ବଳରାମ ସେଠୀ, ୨ନଂ.ରେ ବିନୋଦ ବିହାରୀ ମଲ୍ଲିକ, ୪ନଂ.ରେ ରତ୍ନପ୍ରଭା ଆଏଚ୍, ୯ନଂ.ରେ ସଞ୍ଜୟ ପ୍ରତାପ ରାଉତ, ୧୦ନଂ.ରେ ସୁମିତ୍ରା ମଲ୍ଲିକ, ୧୧ନଂ.ରେ ଲକ୍ଷ୍ମୀପ୍ରିୟା ଦଳେଇ, ୧୫ନଂ.ରେ ନିରଦ କୁମାର ସାହୁ, ୧୬ନଂ.ରେ ଶୁଭଶ୍ରୀ ଦଳେଇ, ୧୭ନଂ.ରେ ପୁଷ୍ପଲତା ମହାପାତ୍ର, ୧୮ନଂ.ରେ ଅଞ୍ଜଳି ମୁଣ୍ଡା, ୧୯ନଂ.ରେ ଅନିତା ମଲ୍ଲିକ, ୨୦ନଂ.ରେ ଲୀଳାବତୀ ସାହୁ, ୨୧ନଂ.ରେ ମମତା ସାହୁ, ୨୨ନଂ.ରେ ସୁମିତ୍ରା ମଲ୍ଲିକ ଏବଂ ୨୩ନଂ.ରେ ବିଦ୍ୟୁତ୍‌ଲତା ବେହେରା ଦଳୀୟ ଚିହ୍ନରେ ନିର୍ବାଚନ ଲଢ଼ିବେ ବୋଲି ସ୍ପଷ୍ଟ କରାଯାଇଛି। ଜିଲା ସଭାପତିଙ୍କ ଅଧକ୍ଷତାରେ ପ୍ରାର୍ଥୀ ଚୟନ କମିଟି ଜିଲା ପ୍ରଭାରୀ ତଥା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖଙ୍କ ଦ୍ୱାରା ପ୍ରାର୍ଥୀ ଚୟନ କରାଯାଇଛି। ଅବଶିଷ୍ଟ ୮ଟି ୱାର୍ଡର ପ୍ରାର୍ଥୀ ତାଲିକା ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ ସୂଚନା ଦେଇଛନ୍ତି।

